# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୃଫୈଷୟିକ ଫିଶ୍ୱଫିଦୟା􀀀ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 13-01-2026

କେନ୍ଦ୍ରାପଡା(ଓଡିଶା) - :2026-01-13 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-01-14 | 2026-01-15 | 2026-01-16 | 2026-01-17 | 2026-01-18 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 27.0 | 27.0 | 27.0 | 28.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 12.0 | 11.0 | 11.0 | 12.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 81 | 80 | 74 | 72 | 77 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 31 | 31 | 30 | 34 | 34 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 13 | 11 | 10 | 12 | 10 |
| ପବନର ଦିଗ (ଡିଗ୍ରୀ) | 2 | 356 | 352 | 9 | 347 |
| ମେଘାଛନ (ଅକ୍ଟା) | 0 | 0 | 0 | 0 | 1 |
| ସତର୍କବାଣୀ | କୁହୁଡ଼ି | କୁହୁଡ଼ି | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୧୦ ରୁ ୧୩ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭ ରୁ ୨୮ ଡିଗ୍ରୀ ସେଲସିଅସ ଓ ୧୧ ରୁ ୧୨ ଡିଗ୍ରୀ ସେଲସିଅସ ମଧରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆସନ୍ତା ୧୪ରୁ ୧୫ ତାରିଖ କେନ୍ଦ୍ରାପଡା ଜିଲ୍ଲାରେ କିଛି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ଅଛି ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

ଘନ କୁହୁଡି ଯୋଗୁଁ ରବି ଫସଲର ଅବରୁଦ୍ଧ ବୃଦ୍ଧି ଓ କବକ ଜନିତ ରୋଗ ହେବାର ସମ୍ଭାବନା ଅଛି ।

## ସାଧାରଣ ଉପଦେଶ:

􀀀 ଧାନ ତଳି ଭଲ ବଢିବା ଏବଂ ଚେର ମାଟି କୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ । 􀀀 ପନିପରିବା ତଳି ଘେରା କୁ ନଡା ଦ୍ୱାରା ଆଛାଦିକରଣ କରନ୍ତୁ । 􀀀 ଧାନ ତଳି ଉପାଡିବା ୨ ରୁ ୩ ଦିନ ପୂର୍ବ ରୁ ୨-୩ ସେମି ଠିଆ ପାଣି ରଖନ୍ତୁ । 􀀀 କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ତେଣୁ

| |
|---|
| ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ । □ କୁହୁଡି, କମ ତାପମାତ୍ରା ଓ ଆଦ୍ରତା ଚାପରୁ କ୍ଷତି ନ ହେବା ପାଇଁ, ଛିଡା ହୋଇଥିବା ଫସଲ ଓ ପନିପରିବା ରେ ହାଲୁକା ଜଳସେଚନ କରନ୍ତୁ । □ ବର୍ତମାନ ସମୟରେ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରାରେ ପୋଲିଥିନ ଦ୍ୱାରା ଆଛାଦିକାରଣର ବ୍ୟବସ୍ଥା କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ପନିପରିବା ତଳି ଘେରା କୁ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ଧାନ ତଳି ଓପାଡିବା ୭ ଦିନ ପୂର୍ବରୁ ପ୍ରତି ୧୦ ଡେସିମିଲ ତଳିଘେରାରେ ୮୦୦ଗ୍ରାମ Cartap Hydrochloride 4G ଦାନାଦାର କୀଟନାଶକ କିମ୍ବା ୪୦୦ଗ୍ରାମ Chlorantraniliprole ଦାନାଦାର କୀଟନାଶକ, ପ୍ରୟୋଗକରନ୍ତୁ । ଦାନାଦାର କୀଟନାଶକପ୍ରୟୋଗ କରିବା ଦ୍ୱାରା ଧାନ ରୋଇବାର ୩ ସପ୍ତାହ ପର୍ଯ୍ୟନ୍ତ, କାଣ୍ଡବିନ୍ଧା, ଚେରଗଣ୍ଠିସୂତ୍ରକୃମି, ବଙ୍ଗୀ ଓ ପତ୍ରମୋଡା ତଥା ନଳୀ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରାଯାଇ ପାରିବ । |
| ବିରି | ବର୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ଧଳା ମାଛି, ସାହେବୀ ରୋଗ ର ବାହକ ଅଟେ । ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି triazophos @ ୪୦୦ ମିଲି କିମ୍ବା Acetamipride @ ୪୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ବାଦାମ | ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖା ଦେଉଥିଲେ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖା ଦେଲେ ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ମିଲି Imidacloprid ନାମକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ସୋରିଷ | ସୋରିଷ ଫସଲ ରେ ପତ୍ରଛନ୍ଦା ପୋକ ଓ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ର ଚଳପ୍ରଚଳ ରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କିଟନାଶକ କୁ ପ୍ରୟୋଗ କରନ୍ତୁ । |
| ଆଖୁ | □ ନାଲିସଢା ରୋଗ ନହେବା ପାଇଁ CO-7219, CO-8371, CO-8013, CO-8014, CO-6907, CO-7601 ଓ CO- 7602 କିସମ ଚୟନ କରନ୍ତୁ । ଆଖୁ ବିହନ ଲଗାଇବା ପୂର୍ବରୁ ବିହନବିଶୋଧନ କରିବା ନିହାତି ଜରୁରୀ । ବିହନ ବିଶୋଧନ କରିବା ପାଇଁ ପ୍ରଥମେ ୧୦୦-ଲିଟର ପାଣିରେ ୧୫୦-ଗ୍ରାମCarbendazim, ୨୦୦-ମିଲି Chlorpyriphosଓ ୧କିଲୋଗ୍ରାମ ୟୁରିଆ ସାର ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ ।ଏହି ଦ୍ରବଣରେ ଆଖୁଖଣ୍ଡ ଗୁଡିକୁ ୩୦ମିନିଟ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ । Chlorpyriphosକୀଟନାଶକକୁ ମାଟିରେପ୍ରୟୋଗ କରୁଥିଲେ ଏହି ଦ୍ରବଣ ରେ ମିଶାନ୍ତୁ ନାହିଁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମଁଇସିନ୍ଦାଠ | ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି Ethion ନାମକ କୀଟନାଶକ କିମ୍ବା ୨୦୦-ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦-ମିଲି Propargite ନାମକ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କା | ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି Ethion ନାମକ କୀଟନାଶକ କିମ୍ବା ୨୦୦-ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦-ମିଲି Propargite ନାମକ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଫୁଲକୋବି | □ କୋବି ଜାତୀୟ ପନିପରିବା ଫସଲରେ ଅଲ୍ଟରନାରିଆ ପତ୍ରଦାଗ ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | □ ବର୍ତମାନ ସମୟରେ କୁହୁଡିଆ ପାଗ ଯୋଗୁଁ ଟମାଟୋ ରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ନିମ୍ବ ଆଧାରିତ ତେଲ @ ୬୦୦ ପିପିଏମ କିମ୍ବା Flonicam @ ୬୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆଳୁ | ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ୮୦ଗ୍ରାମ Dinotefuran ନାମକ କୀଟନାଶକ କିମ୍ବା ୭୦ଗ୍ରାମ Flonicamidନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |
| | ଗୋଲାପ ଗଛ ରେ ଉକୁଣିଆ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ Fenpyroximate ୫% EC @ ୨ ମିଲି କିମ୍ବା Abamactin @୧ ମିଲି ମିଶାଇ ସିଞ୍ଚନ କରନ୍ତୁ \| |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ବର୍ତମାନ ଗାଈ ଗୋରୁଙ୍କ ଠାରେ ଚର୍ମବିଣ୍ଡି ରୋଗ ବ୍ୟାପୁଛି । ଏହି ରୋଗ ର ଲକ୍ଷଣରେ ଦେହରେ ଆବୁ ଫଳି ଯିବା ସହ ଜ୍ୱର ଆସିଥାଏ ଓ ଦୁଗ୍ଧ ଉତ୍ପାଦନ କମିଯାଇଥାଏ । ଏହି ରୋଗ ମୁଖ୍ୟତଃ ମଶା, ମାଛି ଓ ଡାଆସ ଦ୍ୱାରା ବ୍ୟାପିଥାଏ । ତେଣୁ ଗୁହାଳ ପରିସରକୁ ସଫା ରଖନ୍ତୁ। ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକ ଙ୍କ ସହ ଯୋଗାଯୋଗ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଶୀତଦିନେ କୁକୁଡ଼ା ଘରକୁ ଥଣ୍ଡା ପବନରୁ ରକ୍ଷା କରିବା ପାଇଁ ଝୋଟ ଅଖା ବ୍ୟାଗ ବ୍ୟବହାର କରି ଇନସୁଲେଟ୍ କରନ୍ତୁ ଏବଂ ସେହି ସମୟରେ ଆମୋନିୟା ରୋଗ ସୃଷ୍ଟି ନହେବା ପାଇଁ ବାୟୁ ଚଳାଚଳ ହେବା ପାଇଁ ଯତ୍ନ ନିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହ ରେ ୨୦୦ ୱାଟର ବଲବ ଲଗାନ୍ତୁ । ଅଣ୍ଡା ଦିଆ କୁକୁଡାକୁ ମିନେରାଲ୍ ଏବଂ କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ ସମ୍ପୂର୍ଣ ଖାଦ୍ୟର @ ୩. ୨୫ % ଖାଇବାକୁ ଦିଅନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ଘନ କୁହୁଡି ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବାର ସମ୍ଭାବନା ଅଛି । ଶୀତ ଲହରୀ ଯୋଗୁଁ ଛୋଟ ଛୁଆ ଓ ବୃଦ୍ଧ ଲୋକଙ୍କ ଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ଘନ କୁହୁଡିରେ ଯାତ୍ରା କରୁଥିଲେ ସାବଧାନତା ଅବଲମ୍ବନ କରନ୍ତୁ । ଶୀତ ଲହରୀ ସମୟରେ ବାହାରକୁ ଯାଆନ୍ତୁ ନାହି । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**